# ବିଜ୍ଞାପନ

## ସଂସ୍କୃତି ବିଭାଗ,ଓଡ଼ିଶା ସରକାର

## ରାଜା ରାମମୋହନ ରାୟ ଫାଉଣ୍ଡେସନ୍ ଯୋଜନାରେ N.G.O,TRUSTS ଦ୍ୱାରା ପରିଚାଳିତ ରେଜିଷ୍ଟ୍ରୀଭୁକ୍ତ ପାଠାଗାରମାନଙ୍କ ମନୋନୟନ ପାଇଁ ଦରଖାସ୍ତ ଆହ୍ୱାନ ।

********

ଓଡ଼ିଶାର NGO, TRUSTS ଏବଂ ବେସରକାରୀ ସଂସ୍ଥା ମାନଙ୍କଦ୍ୱାରା ପରିଚାଳିତ ଦୁଇ ଗୋଟି ରେଜେଷ୍ଟ୍ରୀଭୁକ୍ତ ଓ ଉତ୍ତମରୁପେ ପରିଚାଳିତ ସର୍ବସାଧାରଣ ପାଠାଗାରଙ୍କୁ, ରାଜା ରାମ ମୋହନ ରାୟ ଫାଉଣ୍ଡେସନ୍, କୋଲକାତା Hindi ଏବଂ English ପୁସ୍ତକ କେନ୍ଦ୍ରୀୟ ପୁସ୍ତକ ନିର୍ବାଚନ ଯୋଜନାରେ ଯୋଗାଇ ଦେବାକୁ ସ୍ଥିର କରିଛନ୍ତି । ଇଚ୍ଛୁକ ପାଠାଗାରମାନେ ସେମାନଙ୍କ ଦରଖାସ୍ତ ଫର୍ମ ଜିଲ୍ଲାର ଜିଲ୍ଲା **ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ତା୨୦/୦୬/୧୬ରିଖ** ମଧ୍ୟରେ ଦାଖଲ କରିପାରିବେ । ଉକ୍ତ ସୁବିଧା **ଉପଲବ୍ଧ ପାଇଁ ଇଚ୍ଛୁକ ସର୍ବସାଧାରଣ** ପାଠାଗାରମାନେ ନିମ୍ନଲିଖିତ ସର୍ତ୍ତାବଳୀ ପୁରଣ କରୁଥିବେ ।ଏଥିପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସଂସ୍କୃତି ବିଭାଗ ୱେବ୍ ସାଇଟ୍ - http://www.odishaculture.gov.in ରେ ଉପଲବ୍ଧ ଅଟେ ।

୧) ପାଠାଗାରରେ ସର୍ବନିମ୍ନ **୧୦,୦୦୦ ପୁସ୍ତକ** ଥିବା ଉଚିତ ।

୨) ପାଠାଗାରରେ ସର୍ବନିମ୍ନ **୫୦୦ ଶିଶୁ ପୁସ୍ତକ** ଥିବା ଉଚିତ ।

୩) ଜଣେ ପେଶାଦାର ପ୍ରଶିକ୍ଷିତକର୍ମଚାରୀ (With B.Lib. Degree) ଥିବା ଉଚିତ ।

୪) ସର୍ବନିମ୍ନ ତିନି ଜଣ କର୍ମଚାରୀ ଥିବା ଉଚିତ ।

୫) ପାଠାଗାରର ନିଜସ୍ୱ ଗୃହ ଥିବା ଉଚିତ କିମ୍ବା ଦୀର୍ଘ ମିଆଦି ସୂତ୍ରରେ ଭଡ଼ାଘର ଥିବା ଉଚିତ ।

୬) ପାଠାଗାରର ଏରିଆ ସର୍ବନିମ୍ନ **୫୦୦୦ ବର୍ଗ ଫୁଟ** ହୋଇଥିବା ଦରକାର ।

୭) ପାଠାଗାରଟି ସର୍ବନିମ୍ନ ୮ (ଆଠ) ଘଣ୍ଟା ପାଠକମାନଙ୍କ ପାଇଁ ଖୋଲା ରହୁଥିବା ଦରକାର ।

୮) ସର୍ବନିମ୍ନ **୩୦୦ ଜଣ** ରେଜେଷ୍ଟ୍ରୀକୃତ ପାଠକ ସଭ୍ୟ ପାଠାଗାରର ଥିବା ଦରକାର ।

୯) ପାଠାଗାରର ଯଥାବିଧି ସଂସ୍ଥାପିତପାଠାଗାର କମିଟି ଥିବା ଦରକାର ।

୧୦) ସର୍ବନିମ୍ନ ଦଶ ବର୍ଷ ପୂର୍ବରୁ ପ୍ରତିଷ୍ଠା ହୋଇଥିବା ଦରକାର ।

୧୧) ଏହା ସମସ୍ତଙ୍କ ପାଇଁ ଖୋଲା ରହୁଥିବା ଦରକାର ।

୧୨) ପଠନ ଗୃହରେ ସର୍ବନିମ୍ନ **୨୫ ଜଣ** ପାଠକଙ୍କର ପଢ଼ିବା ପାଇଁ ସୁବିଧା ଥିବା ଦରକାର ।

୧୩) ପାଠାଗାରରେ ବିଶୁଦ୍ଧ ପିଇବା ପାଣିର ବନ୍ଦୋବସ୍ତ ହୋଇଥିବା ଦରକାର ।

୧୪) ପୁରୁଷ ଏବଂ ମହିଳାଙ୍କ ପାଇଁ ଭିନ୍ନ ଭିନ୍ନ Toilet ଥିବା ଦରକାର ।

ବି.ଦ୍ର : **ଆବେଦନକାରୀ ପାଠାଗାରମାନେ ସେମାନଙ୍କ ଆବେଦନ ପତ୍ର ଉପରୋକ୍ତ ସର୍ତ୍ତାବଳୀକୁ ଆଖି ଆଗରେ ରଖି ,ଉପଯୁକ୍ତ ପ୍ରମାଣ ପତ୍ର ସହ ସମ୍ପୃକ୍ତ ଜିଲ୍ଲାର ସଂସ୍କୃତି ଅଧିକାରୀଙ୍କ ନିକଟରେ ତା୨୦/ ୦୬/୧୬ ରିଖ ମଧ୍ୟରେ ଦାଖଲ କରିବେ । ସଂମ୍ପୃକ୍ତ ଜିଲ୍ଲାର ଜିଲ୍ଲା ସଂସ୍କୃତି ଅଧିକାରୀ ଉକ୍ତ ଆବେଦନ ପତ୍ରର ସଠିକତା ସମ୍ବନ୍ଧରେ ପ୍ରମାଣପତ୍ର ସହିତ ଉପଯୁକ୍ତ ଜାଞ୍ଚକରି ତା୨୫/ ୦୬/ ୧୬ ରିଖ ସୁଦ୍ଧା ତାଙ୍କର ନିଜସ୍ୱ ମତାମତ ସହ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ । ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରାଯାଇନଥିବା କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।**

ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ,

ସଂସ୍କୃତି ବିଭାଗ,ଓଡ଼ିଶା,ଭୁବନେଶ୍ୱର ।

## ଦରଖାସ୍ତ ଫର୍ମ

୧) ପାଠାଗାରର ନାମ ଓ ଠିକଣା -

୨) ରେଜିଷ୍ଟ୍ରେସନ ନମ୍ବର -

୩) ଜିଲ୍ଲା ସଂସ୍କୃତି ଅଧିକାରୀଙ୍କଠାରୁ କାର୍ଯ୍ୟକାରିତାର ପ୍ରମାଣ ପତ୍ର-

୪) ପାଠାଗାରରେ ସର୍ବନିମ୍ନ ପୁସ୍ତକର ସଂଖ୍ୟା -

୫) ପାଠାଗାରରେ ସର୍ବନିମ୍ନ ଶିଶୁ ପୁସ୍ତକ ସଂଖ୍ୟା -

୬) ଜଣେ ପେଶାଦାର ପ୍ରଶିକ୍ଷିତକର୍ମଚାରୀ (With B.Lib. Degree) ନିଯୁକ୍ତି ପାଇଛନ୍ତିକି -

୭) ସର୍ବନିମ୍ନ ତିନି ଜଣ କର୍ମଚାରୀ ଅଛନ୍ତି କି ନାହିଁ,ଯଦି ହଁ ତେବେ ସେମାନଙ୍କ ନାମ ଓ ଠିକଣା-

୮) ପାଠାଗାରର ନିଜସ୍ୱ ଗୃହ ଅଛି କି ନାହିଁ-

୯) ପାଠାଗାରର ସର୍ବନିମ୍ନ ଏରିଆ-

୧୦) ପାଠାଗାରଟି ସର୍ବନିମ୍ନ ୮ (ଆଠ) ଘଣ୍ଟା ପାଠକମାନଙ୍କ ପାଇଁ ଖୋଲା ରହୁଛିକି-

୧୧) ସର୍ବନିମ୍ନ ୩୦୦ ଜଣ ରେଜେଷ୍ଟ୍ରୀକୃତ ପାଠକ ସଭ୍ୟ ପାଠାଗାରର ଅଛନ୍ତି କି,ଯଦି ହଁ ତେବେ ସେମାନଙ୍କ ନାମ-

୧୨) ପାଠାଗାରର ଯଥାବିଧି ସଂସ୍ଥାପିତପାଠାଗାର କମିଟି ଅଛି କି-

୧୩) ସର୍ବନିମ୍ନ ଦଶ ବର୍ଷ ପୂର୍ବରୁ ପ୍ରତିଷ୍ଠା ହୋଇଅଛି କି -

୧୪) ଏହା ସମସ୍ତଙ୍କ ପାଇଁ ଖୋଲା ରହୁଛିକି -

୧୫) ପଠନ ଗୃହରେ ସର୍ବନିମ୍ନ ୨୫ ଜଣ ପାଠକଙ୍କର ପଢ଼ିବା ପାଇଁ ସୁବିଧାଅଛି କି -

୧୬) ପାଠାଗାରରେ ବିଶୁଦ୍ଧ ପିଇବା ପାଣିର ବନ୍ଦୋବସ୍ତ ହୋଇଅଛି କି -

୧୭) ପୁରୁଷ ଏବଂ ମହିଳାଙ୍କ ପାଇଁ ଭିନ୍ନ ଭିନ୍ନ Toilet ଅଛି କି -

**ବି.ଦ୍ର - ଉପରୋକ୍ତ ଫର୍ମରେ ଦେଇଥିବା ସମସ୍ତ ତଥ୍ୟର ସଠିକତା ସମ୍ବନ୍ଧରେ ଥିବା ପ୍ରମାଣ ପତ୍ରର ନକଲ ସହ ଦାଖଲ କରିବେ ।**

*************